# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ , କୋଷାଗୁମୁଡା
# ଜିଲ୍ଲା – ନବରଙ୍ଗପୁର

Email-cdpokosagumuda@gmail.com

ବିଜ୍ଞାପନ ସଂଖ୍ୟା:- ୩୩୮/୨୦୨୨ ତା :-୧୩-୦୪-୨୦୨୨

## ବିଜ୍ଞାପନ

ଏତଦ୍ବାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ କୋଷାଗୁମୁଡା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅନ୍ତର୍ଗତ ଖାଲି ପଡିଥିବା ନିମ୍ନ ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ ଅଙ୍ଗନୱାଡି କର୍ମୀ ନିଯୋଜନ ନିମନ୍ତେ ସମ୍ପୃକ୍ତ ଗ୍ରାମ ର ମହିଳା ପ୍ରାର୍ଥିନୀ ମାନଙ୍କଠାରୁ Online Portal ମାଧ୍ୟମରେ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି । ଇଚ୍ଛୁକ ପ୍ରାର୍ଥିନୀ ମାନେ ଆସନ୍ତା ତା-୧୬-୦୪-୨୦୨୨ ରିଖ ଠାରୁତା- ୩୦-୦୪-୨୦୨୨ ରିଖ ସନ୍ଧ୍ୟା ୫.୩୦ ସୁଦ୍ଧା Online ମାଧ୍ୟମରେ ଆବେଦନ କରିପାରିବେ ।

ପ୍ରକାଶ ଥାଉକି ଏହି ବିଜ୍ଞାପନ ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରିବ । ନିମ୍ନରେ ଖାଲି ପଡିଥିବାଅଙ୍ଗନୱାଡି କେନ୍ଦ୍ରର ବିବରଣୀ ପ୍ରଦାନ କରାଗଲା ।

| କ୍ରମିକ ସଂଖ୍ୟା | ଗ୍ରାମ ପଞ୍ଚାୟତର ନାମ | ଖାଲିଥିବା ଅଙ୍ଗନୱାଡି କେନ୍ଦ୍ରର ନାମ |
|---|---|---|
| ୧ | ବିଞ୍ଜିଲି | ଡଙ୍ଗରିଗୁଡା |
| ୨ | ବାମୁଣି | ବାମୁଣି-୧ |
| ୩ | ବାଲେଙ୍ଗା | ଡକ୍ରିଭଟ୍ଟା |

ଇଚ୍ଛୁକ ପ୍ରାର୍ଥିନୀ ମାନେ Website : http://engagement-awc.odisha.gov.inରେ registration କରିବେ ଏବଂ public login କରି (using User Name &Password) ନିର୍ଦ୍ଧାରିତ ତାରିଖ ତଥା ସମୟ ମଧ୍ୟରେ ଆବେଦନ କରି ତତ ସମ୍ପର୍କିତ ପ୍ରାପ୍ତି ସ୍ୱୀକାରୋକ୍ତି ପାଇ ପାରିବେ । ପ୍ରାପ୍ତି ସ୍ୱୀକାରୋକ୍ତି ସହ ସମସ୍ତ ପ୍ରମାଣପତ୍ରର ଅବିକଳ ନକଲ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ।

**<u>ନିମ୍ନ ଲିଖିତ ଯୋଗ୍ୟତା ଥିବା ଇଚ୍ଛୁକ ପ୍ରାର୍ଥିନୀ ଆବେଦନ କରିପାରିବେ।</u>**

I. ପ୍ରାର୍ଥିନୀଙ୍କ ବୟସ ତା – ୦୧.୦୧.୨୦୨୨ ରିଖ ସୁଦ୍ଧା ୧୮ ରୁ ୪୨ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

II. ପ୍ରାର୍ଥିନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ପରିସର ଭୁକ୍ତ ସ୍ଥାୟୀ ବାସିନ୍ଦା ହୋଇଥିବେ । (ସ୍ଥାନୀୟ ତହସିଲଦାର ଙ୍କ ଠାରୁ ପାଇଥିବା ପ୍ରମାଣପତ୍ର ର ସହି ନକଲ ) ସଂଲଗ୍ନ କରିବେ ।

III. ପ୍ରାର୍ଥିନୀଙ୍କ ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ ମ୍ୟାଟ୍ରିକ ପାସ ହୋଇଥିବା ଆବଶ୍ୟକ । ଯଦି ଦଶମ ଶ୍ରେଣୀ ପାସ ପ୍ରାର୍ଥିନୀ ଉକ୍ତ ପଦବୀ ପାଇଁ ଆବେଦନ ନକରନ୍ତି, ତେବେ ସେ କ୍ଷେତ୍ରରେ ତହସିଲଭୁକ୍ତ ଜନଜାତି/ ତହସିଲଭୁକ୍ତ ଜାତି ପ୍ରାର୍ଥିନୀଙ୍କ ଶିକ୍ଷାଗତ ଯୋଗ୍ୟତାକୁ କୋହଳ କରାଯାଇ କୌଣସି ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟରୁ ଅଷ୍ଟମ ଶ୍ରେଣୀ ପାସ କରିଥିବା ଭିତ୍ତିରେ ଚୟନ କରାଯିବ । ଅଧିକ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥିନୀଙ୍କୁ ଗ୍ରେସ ମାର୍କ ଦିଆଯିବ

IV. ଉକ୍ତ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ପଦବୀରେ କେବଳ ତହସିଲଭୁକ୍ତ ଜନଜାତି ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ ଯଦି ସେହି ଗ୍ରାମରେ ତହସିଲଭୁକ୍ତ ଜନଜାତି ପ୍ରାର୍ଥିନୀ ନ ଥାଆନ୍ତି ତେବେ ତହସିଲଭୁକ୍ତ ଜାତି ପ୍ରାର୍ଥିନୀଙ୍କୁ ଯୋଗ୍ୟତା ଭିତ୍ତିରେ ଚୟନ କରାଯିବ । ଯଦି ଉକ୍ତ ଗ୍ରାମରୁ ତହସିଲଭୁକ୍ତ ଜାତି ଓ ଜନଜାତି ପ୍ରାର୍ଥିନୀ ଆବେଦନ ନ କରନ୍ତି ତେବେ ସେହି ପଞ୍ଚାୟତ ଅଞ୍ଚଳରୁ ପ୍ରଥମେ ତହସିଲଭୁକ୍ତ ଜନଜାତି ଓ ପରେ ତହସିଲଭୁକ୍ତ ଜାତି ପ୍ରାର୍ଥିନୀଙ୍କୁ ଯୋଗ୍ୟତା ଭିତ୍ତିରେ ଚୟନ କରାଯିବ ।

V. ବିଧବା, ସ୍ୱାମୀ ପରିତ୍ୟକ୍ତା, ୩୫ ବର୍ଷରୁ ଉର୍ଦ୍ଧ ଅବିବାହିତା ମହିଳା, ଅସହାୟ ମହିଳା, ଦିବ୍ୟାଙ୍ଗ ମହିଳା, ସର୍ବଶିକ୍ଷା ଅଭିଯାନରେଥିବା ECCE କର୍ମୀ, ବାଳବାଡି କର୍ମୀ (କେନ୍ଦ୍ର ଇଲାକାର) ପ୍ରାର୍ଥିନୀଙ୍କୁ (ସଠିକ ପ୍ରମାଣପତ୍ର ଥାଇ) ଏହି ପଦବୀ ନିମନ୍ତେ ଅଗ୍ରାଧିକାର (ଗ୍ରେସ ମାର୍କ) ଦିଆଯିବ।

<u>ଆବେଦନ ପାଇଁ ଆବଶ୍ୟକୀୟ ପ୍ରମାଣପତ୍ର</u> **:- (ସମସ୍ତ ପ୍ରମାଣପତ୍ରର ଅବିକଳ ନକଲ ସଂଲଗ୍ନ କରିବେ)**

୧। ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଓ ମାର୍କସିଟ ( ମାଟ୍ରିକ ପାସ, +୨ , +୩ ଓ ତଦୁର୍ଦ୍ଧ )

୨। ସ୍ଥାୟୀବାସିନ୍ଦା ପ୍ରମାଣପତ୍ର (ଆବେଦନ ସମୟକୁ ମିଶାଇ (ତହସିଲଦାରଙ୍କ ଠାରୁ) ୧ ବର୍ଷ ମଧ୍ୟରେ)

୩। ଜାତିଗତ ପ୍ରମାଣପତ୍ର (ତଫସିଲଭୁକ୍ତ ଜାତି (SC) କ୍ଷେତ୍ରରେ ଆବେଦନ ସମୟକୁ ମିଶାଇ (ତହସିଲଦାରଙ୍କ ଠାରୁ) ୧ ବର୍ଷ ମଧ୍ୟରେ)

୪। ପ୍ରାର୍ଥିନୀ ନିଜ ଦସ୍ତଖତ, ଭୋଟର ପରିଚୟପତ୍ର, ଆଧାରକାର୍ଡ, ବର୍ତ୍ତମାନର ପାସପୋର୍ଟ ସାଇଜର ଫୋଟୋ, ଅଙ୍ଗନୱାଡି କର୍ମୀଙ୍କ ଠାରୁ ନିଜଗୃହର ସର୍ଭେ ନମ୍ବର ଗୁଡ଼ିକୁ online ରେ Upload କରିବେ ।

୫। ବିଧବା, ସ୍ୱାମୀ ପରିତ୍ୟକ୍ତା, ୩୫ ବର୍ଷରୁ ଉର୍ଦ୍ଧ ଅବିବାହିତା ମହିଳା, ଅସହାୟ ମହିଳା, ଭିନ୍ନକ୍ଷମ ଓ ECCE କର୍ମୀଙ୍କର ପ୍ରମାଣପତ୍ର ।

**ବି.ଦ୍ର. ସମସ୍ତ ଆନୁସଙ୍ଗିକ ପ୍ରମାଣପତ୍ରର ନକଲ (Attested Copy) Online ଫର୍ମରେ Upload କରିବେ । କୌଣସି ପରିସ୍ଥିତିରେ ନିର୍ଦ୍ଧାରିତ ତାରିଖ କିମ୍ବା ସମୟସୀମା ଅତିବାହିତ ପରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଅସମ୍ପୂର୍ଣ୍ଣ ତଥା ଆବଶ୍ୟକ ପ୍ରମାଣପତ୍ର upload ହୋଇ ନଥିଲେ ଦରଖାସ୍ତ ଫର୍ମ ନାକଚ କରାଯିବ ।**

ପ୍ରାପ୍ତ ହୋଇଥିବା ସମସ୍ତ Online ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ ପରେ ଯାଞ୍ଚ କରାଯିବ । ଏଣୁ ନିଜର ମୂଳ ପ୍ରମାଣ ପତ୍ର ଗୁଡିକ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା- ୦୨-୦୫-୨୦୨୨ ରିଖ ସକାଳ ୯.୦୦ ଘଟିକା ଠାରୁ ମଧ୍ୟାହ୍ନ ୨.୦୦ ଘଟିକା ସମୟ ମଧ୍ୟରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହି ଯାଞ୍ଚ କମିଟି ଦ୍ୱାରା ହୋଇଥିବା ଯାଞ୍ଚ ପ୍ରକ୍ରିୟାରେ ଭାଗନେବେ ନଚେତ, ଦରଖାସ୍ତ ରଦ୍ଦ କରାଯିବ ଏବଂ ସେହି ପଦବୀ ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।

ଖାରଜ ହୋଇଥିବା କିମ୍ବା କାୟମ ହୋଇଥିବା ଆବେଦନକାରୀଙ୍କ ତାଲିକା Online website: http://engagement-awc.odisha.gov.in ମାଧ୍ୟମରେ ପ୍ରକାଶ କରାଯିବ । ଯଦି କୌଣସି ଆବେଦନକାରୀଙ୍କ ଅଭିଯୋଗ ଥାଏ, ସେମାନେ Public login ମାଧ୍ୟମରେ ଦାଖଲ କରିପାରିବେ ।

ଅଙ୍ଗନୱାଡି କର୍ମୀ ସରକାରୀ ପଦବାଚ୍ୟ ନହୋଇ ଏହା ଏକ ସ୍ୱେଚ୍ଛାସେବୀ ହୋଇଥିବାରୁ ଅବୈତନିକ ଏବଂ ସ୍ଥାନୀୟ ଲୋକସେବା ନିମନ୍ତେ ଉଦ୍ଦିଷ୍ଟ ହୋଇଥିବାରୁ ଉକ୍ତ ପଦ ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦିଷ୍ଟ ଦରମା ର ବ୍ୟବସ୍ଥା ନାହିଁ କିମ୍ବା ନିୟମିତ ସରକାରୀ ଚାକିରୀ ନୁହେଁ । ତେଣୁ ଓଡିଶା ସରକାରଙ୍କ ଓ. ଆର. ଭି. ନିୟମ ୧୯୭୫ କିମ୍ବା ସଂସ୍ଥାନ ନିୟୋଜନ ଆଇନ, ଏହି କ୍ଷେତ୍ରରେ ଲାଗୁ ହେବ ନାହିଁ କିମ୍ବା ସରକାରୀ ପଦବାଚ୍ୟ ହେବ ବୋଲି କହିପାରିବେ ନାହିଁ ।

ଏଥିପାଇଁ ସରକାରଙ୍କ ନିୟମ ଅନୁଯାୟୀ ମାସିକ ହାରରେ ମାନଦେୟ ଦିଆଯାଇଥାଏ, ଯାହାକି ବର୍ତ୍ତମାନ ସ୍ଥଳେ ମାସକୁ ୭୫୦୦ ଟଙ୍କା ଦିଆଯାଉଅଛି ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
କୋଶାଗୁମୁଡ଼ା
Child Development Project Officer
Kosagumuda

ପରିପତ୍ର ସଂଖ୍ୟା : ୩୪୦/୨୦୨୨ ତା: ୧୩-୦୪-୨୦୨୨

ଏହାର ଏକକିତା ନକଲ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, କୋଷାଗୁମୁଡା ନୋଟିସ ବୋର୍ଡ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋଷାଗୁମୁଡା/ ସରପଞ୍ଚ ଉକିଆପାଲି ଗ୍ରାମପଞ୍ଚାୟତ / ସରପଞ୍ଚ ବାମୁଣି ଗ୍ରାମପଞ୍ଚାୟତ/ ସରପଞ୍ଚ ବାଲେଙ୍ଗା ଗ୍ରାମପଞ୍ଚାୟତ / ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରର ୱାଡ଼ ମେମ୍ବର/ ସମ୍ପୃକ୍ତ ମଣ୍ଡଳ ପରିଦର୍ଶିକାଙ୍କ ଅବଗତି ପାଇଁ ଲଟକା ଜାରି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
କୋଷାଗୁମୁଡା
Child Development Project Officer
Kosagumuda

ପରିପତ୍ର ସଂଖ୍ୟା : ୩୪୧/୨୦୨୨ ତା: ୧୩-୦୪-୨୦୨୨

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ନବରଙ୍ଗପୁରଙ୍କ ଅବଗତି ଓ ସର୍ବ ସାଧାରଣଙ୍କୁ ସଂପ୍ରସାରଣ ନିମନ୍ତେ ପ୍ରେରଣ କରାଗଲା ଏବଂ ଉକ୍ତ ବିଜ୍ଞାପନଟିକୁ ନବରଙ୍ଗପୁର ଜାତୀୟ ସୂଚନା ପ୍ରଯୁକ୍ତି କେନ୍ଦ୍ର ୱେବସାଇଟ୍ (NIC website) ରେ ପୋଷ୍ଟ କରିବା ପାଇଁ ଅନୁରୋଧ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
କୋଷାଗୁମୁଡା
Child Development Project Officer
Kosagumuda

ପରିପତ୍ର ସଂଖ୍ୟା : ୩୪୨ /୨୦୨୨ ତା: ୧୩-୦୪-୨୦୨୨

ଏହାର ଏକକିତା ନକଲ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ନବରଙ୍ଗପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
କୋଷାଗୁମୁଡା
Child Development Project Officer
Kosagumuda

ପରିପତ୍ର ସଂଖ୍ୟା : ୩୪୩/୨୦୨୨ ତା: ୧୩-୦୪-୨୦୨୨

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ନବରଙ୍ଗପୁର- ତଥା-ଅଧକ୍ଷ- ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
କୋଷାଗୁମୁଡା
Child Development Project Officer
Kosagumuda